# NATIONAL NEWS BULLETIN (ODIA)

**21 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ହାଇଦ୍ରାବାଦରେ ଆଜି କୋଟିଦୀପୋତ୍ସବମ୍-୨୦୨୪ କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଗୁଆନାର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମାନିତ
- ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୪ ତାରିଖରେ ବସିବ ସର୍ବଦଳୀୟ ବୈଠକ ।
- ୧୧ଜଣ ମହିଳା ସମେତ ୨୪ ଜଣ ବାଂଲାଦେଶୀ ନାଗରିକଙ୍କୁ ଫେରାଇଲା ଭାରତ

ଏବଂ

- ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବହୁପ୍ରତୀକ୍ଷିତ ବର୍ଡ୍ର ଗାଭାସ୍କର ଟ୍ରଫି ପ୍ରତିଯୋଗିତା ଆସନ୍ତାକାଲିଠାରୁ ହେବ ଆରମ୍ଭ

---

## ହାଇଦ୍ରାବାଦ-ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ ଦିନିଆ ଗସ୍ତରେ ଆଜି ସନ୍ଧ୍ୟାରେ ହାଇଦ୍ରାବାଦରେ ପହଞ୍ଚିବେ । ରାଷ୍ଟ୍ରପତି ଏକ ଧାର୍ମିକ ଚ୍ୟାନେଲ୍ ଦ୍ୱାରା ଆୟୋଜିତ କୋଟି ଦୀପୋତ୍ସବମ୍ ରେ ସାମିଲ ହେବେ । ଆସନ୍ତାକାଲି

ସକାଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଚତୁର୍ଥ ଆନ୍ତର୍ଜାତିକ ସାଂସ୍କୃତିକ କାର୍ଯ୍ୟକ୍ରମ **ଲୋକ ମନ୍ଥନ**କୁ ଉଦ୍‌ଘାଟନ କରିବେ । ହାଇଦ୍ରାବାଦ ଗସ୍ତ କାଳରେ ରାଷ୍ଟ୍ରପତି ରାଜଭବନରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ହାଇଦ୍ରାବାଦର ବେଗମ୍‌ପେଟ୍ ବିମାନ ବନ୍ଦରରେ ଅବତରଣ କରିବେ । ଆଜି ସନ୍ଧ୍ୟାରେ ଏକ ଧାର୍ମିକ ଟିଭି ଚ୍ୟାନେଲ ଦ୍ୱାରା କୋଟି ଦୀପୋତ୍ସବମ୍ କାର୍ଯ୍ୟକ୍ରମରେ ଯୋଗଦେବେ । ଆଜି ସେଠାରେ ରାଜଭବନରେ ରାଷ୍ଟ୍ରପତି ରାତ୍ରି ଯାପନ କରିବା ପରେ ଆସନ୍ତାକାଲି ସକାଳେ ସିଲ୍‌ପାରମଣ ଠାରେ ଲୋକମନ୍ଥନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମ ୨୦୧୬ ମସିହାରୁ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ୨ ବର୍ଷରେ ଏହା ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହୋଇଥାଏ ।

ପ୍ରଜ୍ଞାବାହିନୀ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ଟି ଦେଶର କଳାକାର, ସାଂସ୍କୃତିକ ପ୍ରତିନିଧି ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ । ପାଖାପାଖି ୧ଶହରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ବିଭିନ୍ନ ଦେଶର ତଥା ସଂପ୍ରଦାୟର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ କଳାକୌଶଳ ପ୍ରଦର୍ଶନ ହେବ ।

ଆଜି ସକାଳେ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଲୋକମନ୍ଥନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଏବଂ ସାଂସ୍କୃତି କାର୍ଯ୍ୟକ୍ରମକୁ

ଉଦ୍‌ଘାଟନ କରିଛନ୍ତି । ଏହି ୪ ଦିନିଆ ମହୋତ୍ସବରେ ବିଭିନ୍ନ ରାଜ୍ୟର ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀଗଣ ଭାଗନେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେଜ୍-ହରେକୃଷ୍ଣ ମହତାବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଡକ୍ଟର ମହତାବଙ୍କ ୧୨୫ତମ ଜୟନ୍ତୀକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି ତାଙ୍କ ସମ୍ମାନରେ ସ୍ୱତନ୍ତ୍ର ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି । ହରେକୃଷ୍ଣ ମହତାବଙ୍କ ଲେଖା ଓ ଭାଷଣରୁ ସେ ସବୁବେଳେ ପ୍ରେରଣା ପାଇଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଡକ୍ଟର ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଓଡ଼ିଶାର ଆଗରପଡାରେ ଜନ୍ମଗ୍ରହଣ କରିଥିଲେ । ଭାରତୀୟ ଇତିହାସରେ ଡକ୍ଟର ମହତାବ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଐତିହାସିକ, ଲେଖକ, ସମାଜ ସଂସ୍କାରକ ଏବଂ ସାମ୍ବାଦିକ ଭାବେ ପରିଚିତ ଥିଲେ । ଡକ୍ଟର ମହତାବ ତାଙ୍କ ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପ ଓ ରାଜନୈତିକ ପ୍ରଭାବ ପାଇଁ ରାଜ୍ୟର ଅନ୍ୟତମ ଅଗ୍ରଣୀ ନେତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି ।

## ପିଏମ-ଗୁଆନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଗୁଆନାର ସର୍ବୋଚ୍ଚ ରାଷ୍ଟ୍ରୀୟ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଶ୍ୱ ସମୁଦାୟ ପ୍ରତି ଅସାଧାରଣ ସେବା ଏବଂ ଭାରତ-ଗୁଆନା ସଂପର୍କ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରତିବଦ୍ଧତା ପାଇଁ ଏହି ଅର୍ଡର ଅଫ୍ ଏକ୍ସିଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ଗୁଆନାର ଷ୍ଟେଟ୍ ହାଉସ୍‌ରେ ଆୟୋଜିତ ଏକ

ସମାରୋହରେ ଗୁଆନା ରାଷ୍ଟ୍ରପତି ଡକ୍ଟର ମହମ୍ମଦ ଇର୍ଫାନ୍ ଅଲୀ' ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

ପୁରସ୍କାରରେ ସମ୍ମାନିତ ହେବା ପରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଭାରତବାସୀ ଏବଂ ଦୁଇଦେଶର ଜନସାଧାରଣଙ୍କ ମଧ୍ୟରେ ଗଭୀର ଐତିହାସିକ ସଂପର୍କକୁ ଉତ୍ସର୍ଗ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ-ଗୁଆନା ବନ୍ଧୁତାକୁ ଆହୁରି ସୁଦୃଢ଼ କରିବା ଲାଗି ସେ ଏହି ଗସ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ-ଗୁଆନା ସଂପର୍କ ଉଭୟ ଦେଶ ମଧ୍ୟରେ ମିଳିତ ଇତିହାସ, ସାଂସ୍କୃତିକ ଐତିହ୍ୟ ଏବଂ ପାରସ୍ପରିକ ବିଶ୍ୱାସ ଉପରେ ଆଧାରିତ । ଗୁଆନା ସହ ଭାରତ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ ବୋଲି ଶ୍ରୀ ମୋଦୀ କହିଛନ୍ତି । ଉଭୟ ଦେଶର ସହଯୋଗ କେବଳ ଦ୍ୱିପାକ୍ଷିକ ସଂପର୍କ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମୋଦୀ ମତପୋଷଣ କରିଛନ୍ତି ।

# ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା ୨୪ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ସରକାରଙ୍କ ପକ୍ଷରୁ ଆହୂତ ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିବେ। ଆଗାମୀ ଶୀତକାଳୀନ ଅଧିବେଶନକୁ ସୁରୁଖୁରରେ ସମ୍ପାଦନା କରିବା ପାଇଁ ସରକାର ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନ ଲୋଡ଼ିବା ଲକ୍ଷ୍ୟରେ ଏହି ବୈଠକ ଡକାଯାଇଛି। ସୂଚନାଯୋଗ୍ୟ, ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ନଭେମ୍ବର ୨୬ ତାରିଖରେ ସମ୍ବିଧାନ

ଦିବସ ପାଳନ ପାଇଁ ସଂସଦ ଅଧିବେଶନ ଅନୁଷ୍ଠିତ ହେବ ନାହିଁ ବୋଲି ଜଣାପଡ଼ିଛି ।

## ଇଣ୍ଡିଆ-ବାଂଲାଦେଶ ରିଟର୍ଣ୍ଣ

ଭାରତରୁ ୧୧ଜଣ ମହିଳା ସମେତ ୨୪ ଜଣ ବାଂଲାଦେଶୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦିଆଯାଇଛି । ସେହିସବୁ ନାଗରିକମାନେ ଗତ ୨ବର୍ଷ ହେବ ଭାରତର ବିଭିନ୍ନ ଜେଲ୍‌ରେ ବନ୍ଦୀ ଥିଲେ । ଗତକାଲି ରାତିରେ ବାଂଲାଦେଶର ଅଧିକାରୀମାନଙ୍କୁ ୨୪ ଜଣ ନାଗରିକଙ୍କୁ ହସ୍ତାନ୍ତର କରାଯାଇଥିବା ବାଂଲାଦେଶ ପୁଲିସ୍ ସୂଚନା ଦେଇଛି । ସେହିସବୁ ନାଗରିକମାନେ ବୈଧ କାଗଜପତ୍ର ନଥାଇ କାମ ଆଶାରେ ୨ବର୍ଷ ତଳେ ଭାରତ ମଧ୍ୟକୁ ପ୍ରବେଶ କରିଥିଲେ ।

କୋଲକାତା ପୋଲିସ୍ ସେମାନଙ୍କୁ ଗିରଫ କରିଥିଲା ଏବଂ ପରେ କୋର୍ଟ ସେମାନଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ଶୁଣାଇଥିଲେ । ଜେଲ୍‌ଦଣ୍ଡ ଅବଧି ଶେଷ ହେବା ପରେ ଭାରତୀୟ ପୋଲିସ୍ ସେମାନଙ୍କୁ ବେନାପୋଲ ଯାଞ୍ଚଘାଟୀ ନିକଟରେ ବାଂଲାଦେଶ ଅଧିକାରୀମାନଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

## ସିଏଜି-ଓଥ୍

କେ. ସଞ୍ଜୟମୂର୍ତ୍ତି ଭାରତର ପରବର୍ତ୍ତୀ ମହାଲେଖା ନିୟନ୍ତ୍ରକ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ଶ୍ରୀ ମୂର୍ତ୍ତିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଶ୍ରୀ ମୂର୍ତ୍ତି ୨୦୨୦ ମସିହାରେ ନିଯୁକ୍ତ

ଗିରିଶଚନ୍ଦ୍ର ମୁର୍ମୁଙ୍କ ସ୍ଥାନରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟରେ ଉଚ୍ଚଶିକ୍ଷା ବିଭାଗର ସଚିବ ରୂପେ କାର୍ଯ୍ୟ କରୁଥିଲେ ।

# ପିଏମ୍- ୱିମେନ୍ ହକି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ହକି ଟିମ୍‌କୁ ମହିଳା ଏସୀୟ ଚମ୍ପିୟନ୍ସ ଟ୍ରଫିରେ ବିଜୟ ଲାଭ କରିବା ପରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସଂପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିଛି ଏବଂ ଏହି ସଫଳତା ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାଦାୟକ ହେବ ।

# ମାଲି-ପିଏମ୍

ସାମରିକ ଶାସନକୁ ସମାଲୋଚନା କରିବାର କିଛିଦିନ ପରେ ମାଲିର ପ୍ରଧାନମନ୍ତ୍ରୀ ଚୋଗୁଏଲ୍ ମାଇଗା ଙ୍କୁ ବହିଷ୍କାର କରାଯାଇଛି । ସେଠାକାର ଶାସକ ଜୁନ୍ତା ପ୍ରଧାନମନ୍ତ୍ରୀଙ୍କୁ ବହିଷ୍କାର କରିଥିବା ସରକାରୀ ଟେଲିଭିଜନ ମାଧ୍ୟମରେ ପ୍ରସାରିତ ହୋଇଛି । ଜୁନ୍ତା ଶାସନ ଗଣତାନ୍ତ୍ରିକ ମୂଲ୍ୟବୋଧ ରକ୍ଷାକରିବାରେ ବିଫଳ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଚୋଗୁଏଲ୍ ମାଇଗା ସମାଲୋଚନା କରିଥିଲେ । ଅନ୍ୟପକ୍ଷରେ ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଜେନେରାଲ୍ ଅସିମୀ ଗୋଇତା ରହିଥିବାରୁ ସେଠାରେ ନିର୍ବାଚନକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ ।

# ଇଣ୍ଡିଆ-କାନାଡା

ଶିଖ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜାରକୁ ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ଅବଗତ ଥିଲେ ବୋଲି କାନାଡାର ଏକ ଗଣମାଧମ

ରିପୋର୍ଟକୁ ଭାରତ ଦୃଢ଼ଭାବେ ପ୍ରତ୍ୟାଖାନ କରିଛି । କାନାଡା ଗଣମାଧ୍ୟମରେ ପ୍ରକାଶିତ ଖବର ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ବୈଦେଶିକ ମନ୍ତ୍ରଣାଳୟ ଏଭଳି ଗଣମାଧ୍ୟମ ରିପୋର୍ଟ ଉପରେ କୌଣସି ମନ୍ତବ୍ୟ ଦେଇନଥାଏ; କିନ୍ତୁ କାନାଡା ସରକାରଙ୍କ ପକ୍ଷରୁ ଏକ ଖବରକାଗଜକୁ ଦିଆଯାଇଥିବା ଏଭଳି ହାସ୍ୟାସ୍ପଦ ବୟାନକୁ ପ୍ରତ୍ୟାଖାନ କରାଯିବା ଉଚିତ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଏଭଳି ମନ୍ଦ ଉଦ୍ଦେଶ୍ୟ ପୂର୍ବରୁ ଥିବା ସମ୍ପର୍କକୁ ଆହୁରି କ୍ଷତି ପହଞ୍ଚାଇବ ।

## ବର୍ଡ଼ର ଗାଭାସ୍କର ଟ୍ରଫି

କ୍ରିକେଟ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବହୁପ୍ରତୀକ୍ଷିତ ବର୍ଡ଼ର ଗାଭାସ୍କର ଟ୍ରଫି ପ୍ରତିଯୋଗିତା ଆସନ୍ତାକାଲିଠାରୁ ପର୍ଥର ଆପ୍‌ଟସ ଷ୍ଟାଡିୟମରେ ଆରମ୍ଭ ହେବ । ଭାରତୀୟ ସମୟ ସକାଳ ୭ଟା ୫୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ଟିମ୍’ ଆୟୋଜକ ଅଷ୍ଟ୍ରେଲିଆ ସହ ଆସନ୍ତାକାଲିଠାରୁ ଆସନ୍ତାବର୍ଷ ଜାନୁଆରୀ ୭ ତାରିଖ ମଧ୍ୟରେ ୫ଟି ଟେଷ୍ଟ୍‌ମ୍ୟାଚ୍ ଖେଳିବ । ବ୍ୟକ୍ତିଗତ କାରଣ ଯୋଗୁଁ ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଥମ ଟେଷ୍ଟ୍‌ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଜଣାପଡ଼ିଛି । ତାଙ୍କ ଅନୁପସ୍ଥିତିରେ ଯଶପ୍ରୀତି ବୁମ୍‌ରା ଟିମ୍‌ର ଅଧିନାୟକତ୍ୱ ଦାୟିତ୍ୱ ତୁଲାଇବେ । ଏହାଛଡ଼ା ଶୁଭମନ ଗୀଲ୍‌ଙ୍କ ଆଙ୍ଗୁଠିରେ ଆଘାତ କାରଣରୁ ସେ ମଧ୍ୟ ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ ।

# ବ୍ୟାଡମିଣ୍ଟନ

ଚୀନ୍‌ରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଅନୁପମା ଉପାଧ୍ୟାୟ ଆଜି ମହିଳା ସିଙ୍ଗିଲ୍‌ସ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଜାପାନର ନାସୁକୀ ନିଦାଇରାଙ୍କଠାରୁ ୨୧-୭, ୨୧-୧୪ ସେଟ୍‌ରେ ପରାସ୍ତ ହୋଇଛନ୍ତି । ୩୬ ମିନିଟ୍ ଧରି ଆୟୋଜିତ ଏହି ଖେଳରେ ଜାପାନ ଖେଳାଳି ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ।

ମହିଳା ସିଙ୍ଗିଲ୍‌ସ ବର୍ଗରେ ଦୁଇଥରର ଅଲମ୍ପିକ୍ ବିଜେତା ପି.ଭି. ସିନ୍ଧୁଙ୍କ ମୁକାବିଲା ସିଙ୍ଗାପୁରର ୟୋ ଜିଆଙ୍ଗ ମିନ୍ ଙ୍କ ସହ ହେବ । ସେହିପରି ମାଳବିକା ବନ୍‌ଶୋଡ ଥାଇଲ୍ୟାଣ୍ଡର ସୁପନିଡା କଟେଥାନ୍‌ଙ୍କ ସହ ମୁକାବିଲା କରିବେ । ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗିଲ୍‌ସ ପ୍ରି କ୍ୱାର୍ଟର ଫାଇନାଲ୍‌ରେ ଡେନମାର୍କର ରାସ୍‌ମସ୍ ଗେମ୍‌କେଙ୍କ ସହ ପ୍ରତିଦ୍ୱନ୍ଦିତା କରିବେ ।

ଆଜି ପୁରୁଷ ଡବଲ୍‌ସରେ ଚିରାଗ ସେଟ୍ଟି ଏବଂ ସାତ୍ୱିକ ସାଇରାଜ ରଙ୍କୀରେଡ୍ଡୀଙ୍କ ଯୋଡ଼ି ଡେନ୍‌ମାର୍କର ରାସ୍‌ମସ୍ କେଜର ଏବଂ ଫ୍ରେଡରିକ୍ ସୋଗାଇଙ୍କ ସହ ମୁକାବିଲା କରିବେ । ସେହିପରି ମହିଳା ଡବଲ୍‌ସ ପ୍ରି କ୍ୱାର୍ଟର ଫାଇନାଲ୍‌ରେ ତ୍ରିଶା ଜଲୀ ଓ ଗାୟତ୍ରୀ ଗୋପିଚାନ୍ଦଙ୍କ ଯୋଡ଼ି ଚୀନ୍‌ର ଲିଉସେଙ୍ଗ ସୁ ଓ ଟେନ୍ ମିଙ୍ଗ୍ ଙ୍କ ସହ ମୁକାବିଲା ହେବ ।

---